ଆରବିଆଇ/ ୨୦୦୪-୦୫/୩୧୫
ଡ଼ିସିଏମ୍ (ପିଏଲ୍‌ଜି) ନଂ ଜି-୩୧/୧୦.୦୩.୦୦/୨୦୦୪-୦୫

ଡ଼ିସେମ୍ବର ୨୭, ୨୦୦୪

**ତାଲିକା ଅନୁଯାୟୀ କରେନ୍‌ସି ଚେଷ୍ଟ ଧାରଣ କରୁଥିବା ବ୍ୟାଙ୍କ ସମୂହ**

ପ୍ରିୟ ମହାଶୟ/ମହାଶୟା,

**ମୁଦ୍ରାର ଅଗ୍ରାହ୍ୟତା**

ବ୍ୟାଙ୍କ ଶାଖା ମାନଙ୍କ ଦ୍ୱାରା ମୁଦ୍ରାଗ୍ରହଣ ଉପରେ ନିର୍ଦ୍ଦେଶାବଳୀ ସମ୍ବନ୍ଧିତ ଆମର ଏପ୍ରିଲ ୫,୨୦୦୪ ତାରିଖର ଚିଠି ଡ଼ିସିଏମ୍ (ଆର୍ ଏମ୍ ଏମ୍‌ଟି) ନଂ .୧୧୮୧/୧୧.୩୭.୦୧/୨୦୦୩-୦୪ ଦୟାକରି ଦେଖନ୍ତୁ । ନଭେମ୍ବର ୨୨, ୨୦୦୪ ମସିହାରେ ରିଜର୍ଭ ବ୍ୟାଙ୍କ୍ ଷ୍ଟାଫ କଲେଜ, ଚେନେଇ ଠାରେ ଆଞ୍ଚଳିକ ମୁଖ୍ୟ ଏବଂ କରେନ୍‌ସି ଚେଷ୍ଟ ଧାରଣ କରୁଥିବା ବ୍ୟାଙ୍କ ମାନଙ୍କର ବରିଷ୍ଠ ଅଧିକାରୀ ମାନଙ୍କୁ ନେଇ ଆୟୋଜିତ ସମ୍ମିଳନୀ ସଭାରେ ଅନ୍ୟ ସମସ୍ୟା ମାନଙ୍କ ସହ ବ୍ୟାଙ୍କ୍ ମାନଙ୍କ ଦ୍ୱାରା ମୁଦ୍ରା ଅନଗ୍ରହଣ ଫଳରେ ଜନସାଧାରଣ ସମ୍ମୁଖୀନ ହେଉଥିବା ଅସୁବିଧା ଉପରେ ଆଲୋଚନା କରାଯାଇଥିଲା ।

୨. ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ବ୍ୟାଙ୍କ ଶାଖା ମାନଙ୍କ ଦ୍ୱାରା ମୁଦ୍ରା ଅନଗ୍ରହଣ ସମ୍ବନ୍ଧୀୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଅଭିଯୋଗମାନ ପ୍ରାପ୍ତ କରୁଛୁ । ଖାତାରେ ଜମା ଉଦ୍ଦେଶ୍ୟରେ କିମ୍ବା ପ୍ରତିବଦଳ ପାଇଁ ଆପଣଙ୍କ ଶାଖା ମାନଙ୍କରେ ଜମା କରାଯାଉଥିବା ସମସ୍ତ ମୂଲ୍ୟବର୍ଗର ମୁଦ୍ରା ଗ୍ରହଣ କରିବା ନିମନ୍ତେ ଆପଣ ଆପଣଙ୍କ ଶାଖାମାନଙ୍କୁ ନିର୍ଦ୍ଦେଶ ଦେବାପାଇଁ ଆମେ ପରାମର୍ଶ ଦେଉଅଛୁ । ମୁଦ୍ରା ପ୍ରତିବଦଳ ସୁବିଧା ଓ ମୁଦ୍ରାଗ୍ରହଣ ବିଷୟରେ ଆପଣ ଆପଣଙ୍କ ଶାଖା ଭିତରେ ତଥା ବାହାରେ ଏକ ନୋଟିସ୍ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶନ କରିଥିବେ ବୋଲି ଆମେ ଆଶାକରୁ ।

୩. ମୁଦ୍ରାଗ୍ରହଣ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ବୃହତ ଅନୁଷ୍ଠାନ/ମନ୍ଦିର ନଗରୀ ଓ ଶାଖା ପରିସର ମଧ୍ୟରେ ଆପଣ ମୁଦ୍ରା ବାଛିବା ଯନ୍ତ୍ର ବସାଇବା ପାଇଁ ବିଚାର କରିପାରନ୍ତି। ପୂର୍ବ ପରାମର୍ଶ ଓ ପ୍ରଚଳିତ ପଦ୍ଧତି ଅନୁସାରେ ୫, ୧୦ ଓ ୨୦ ପଇସାର ଆଲୁମିନିୟମ ମୁଦ୍ରା, ୧୦ ପଇସାର ଆଲୁମିନିୟମ ବ୍ରୋଞ୍ଜ ମୁଦ୍ରା, ୧୦ ପଇସାର ଷ୍ଟେନଲେସ୍ ଷ୍ଟିଲ୍ ମୁଦ୍ରା, ୨୫ ପଇସା, ୫୦ ପଇସା ଓ ୧ଟଙ୍କାର ତାମ୍ର ନିକେଲ ମୁଦ୍ରା ପ୍ରଭୃତିକୁ ଆପଣ ପୂର୍ବ ସୂଚନା ଦେଇ ସିଧା ମୁମ୍ବାଇ, କୋଲକାତା ବା ହାଇଦ୍ରାବାଦର ମୁଦ୍ରାଶାଳକୁ ପ୍ରେରଣ କରିପାରିବେ । ଏହିସବୁ ମୁଦ୍ରାର ଚାହିଦାରେ ଅଭାବ ପରିଲକ୍ଷିତ ହେଲେ ଆପଣ ସଂପୃକ୍ତ ମଣ୍ଡଳର ନିର୍ଗମ ବିଭାଗ ସହ ଯୋଗାଯୋଗ କରିପାରନ୍ତି ।

୪. ଜନସାଧାରଣଙ୍କର ମୁଦ୍ରାଗ୍ରହଣ ସମ୍ବନ୍ଧୀୟ ଅସୁବିଧା ଦୂର କରିବାକୁ ଏବଂ ପ୍ରତିବନ୍ଧକହୀନ ଭାବେ ମୁଦ୍ରାଗ୍ରହଣ କରିବାକୁ ଆପଣ ଆପଣଙ୍କର ଶାଖା ମାନଙ୍କୁ ନିର୍ଦ୍ଦେଶ ଦେବେ ବୋଲି ଆମେ ପୁଣିଥରେ ଅନୁରୋଧ କରୁଛୁ ।

୫. ଦୟାକରି ପ୍ରାପ୍ତି ସ୍ୱୀକାର କରନ୍ତୁ ତଏବଂ ଏହି ସଂପର୍କରେ ଆପଣ ନେଇଥିବା ପଦକ୍ଷେପ ବିଷୟରେ ଆମକୁ ଜଣାନ୍ତୁ ।

ଆପଣଙ୍କର ବିଶ୍ୱସ୍ତ
(ୟୁ.ଏସ୍.ପାଲିୱାଲ)
ମୁଖ୍ୟ ପ୍ରବନ୍ଧକ

ଚିଠି ଡ଼ିସିଏମ୍ (ପିଏଲ୍‌ଜି) ନଂ ଜି-୩୧/୧୦.୦୩.୦୦.୨୦୦୪-୦୫, ତା ୨୭ ଡ଼ସେମ୍ବର ୨୦୦୪, ଦିଆଯାଉଥିବା ବ୍ୟାଙ୍କ୍ ମାନଙ୍କର ତାଲିକା ।

| କ୍ର.ସଂ | ସରକାରୀ ବ୍ୟାଙ୍କ | କ୍ର.ସଂ | ଘରୋଇ ବ୍ୟାଙ୍କ |
|---|---|---|---|
| ୧ | ଆଲ୍ଲାହାବାଦ ବ୍ୟାଙ୍କ | ୧ | ବ୍ୟାଙ୍କ ଅଫ ପଞ୍ଜାବ ଲିମିଟେଡ଼ |
| ୨ | ବ୍ୟାଙ୍କ ଅଫ ବରୋଦା | ୨ | ଦି ବ୍ୟାଙ୍କ ଅଫ ରାଜସ୍ଥାନ ଲିମିଟେଡ଼ |
| ୩ | ବ୍ୟାଙ୍କ ଅଫ ମହାରାଷ୍ଟ୍ର | ୩ | କାଥଲିକ୍ ସିରିଆନ ବ୍ୟାଙ୍କ ଲିମିଟେଡ଼ |
| ୪ | ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ | ୪ | ଦି ଧନଲକ୍ଷ୍ମୀ ବ୍ୟାଙ୍କ ଲିମିଟେଡ଼ |
| ୫ | ଦେନା ବ୍ୟାଙ୍କ | ୫ | ଦି ଫିଡ଼େରାଲ ବ୍ୟାଙ୍କ ଲିମିଟେଡ଼ |
| ୬ | ଇଣ୍ଡିଆନ ବ୍ୟାଙ୍କ | ୬ | ଏଚ୍ ଡ଼ିଏଫସି ବ୍ୟାଙ୍କ ଲିମିଟେଡ଼ |
| ୭ | ପଞ୍ଜାବ ଏଣ୍ଡ ସିଣ୍ଡି ବ୍ୟାଙ୍କ | ୭ | ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ଼ |
| ୮ | ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ | ୮ | ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼ |
| ୯ | ଆନ୍ଧ୍ରା ବ୍ୟାଙ୍କ | ୯ | ଦି ଜାମ୍ମୁ ଏଣ୍ଡ କାସ୍ମୀର ବ୍ୟାଙ୍କ ଲିମିଟେଡ଼ |
| ୧୦ | କାନାରା ବ୍ୟାଙ୍କ | ୧୦ | ଦି କର୍ଣାଟକ ବ୍ୟାଙ୍କ ଲିମିଟେଡ଼ |
| ୧୧ | ବ୍ୟାଙ୍କ ଅଫ ଇଣ୍ଡିଆ | ୧୧ | ଦି କରୁର୍ ଭିସ୍ୟା ବ୍ୟାଙ୍କ ଲିମିଟେଡ଼ |
| ୧୨ | କର୍ପୋରେସନ ବ୍ୟାଙ୍କ | ୧୨ | ଦି ଲକ୍ଷ୍ମୀ ଭିଲାସ ବ୍ୟାଙ୍କ ଲିମିଟେଡ଼ |
| ୧୩ | ଇଣ୍ଡିଆନ ଓଭରସିଜ ବ୍ୟାଙ୍କ | ୧୩ | ଦି ସାଉଥ ଇଣ୍ଡିଆନ ବ୍ୟାଙ୍କ ଲିମିଟେଡ଼ |
| ୧୪ | ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ | ୧୪ | ତାମିଲନାଡ଼ ମାର୍କେଣ୍ଟାଇଲ ବ୍ୟାଙ୍କ ଲିମିଟେଡ଼ |
| ୧୫ | ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ | ୧୫ | ୟୁଟିଆଇ ବ୍ୟାଙ୍କ ଲିମିଟେଡ଼ |
| ୧୬ | ସିଣ୍ଡିକେଟ ବ୍ୟାଙ୍କ | ୧୬ | ଦି ଇଞ୍ଜ ଭିସ୍ୟା ବ୍ୟାଙ୍କ ଲିମିଟେଡ଼ |
| ୧୭ | ୟୁକୋ ବ୍ୟାଙ୍କ | ୧୭ | ଷ୍ଟାଣ୍ଡାର୍ଡ ଚାର୍ଟେଡ଼ ବ୍ୟାଙ୍କ |
| ୧୮ | ୟୁନାଇଟେଡ଼ ବ୍ୟାଙ୍କ ଅଫ୍ ଇଣ୍ଡିଆ | ୧୮ | ରାଜସ୍ଥାନ କୋ-ଅପ ବ୍ୟାଙ୍କ ଲିମିଟେଡ଼., |
| ୧୯ | ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ | | |
| ୨୦ | ଭିଜୟା ବ୍ୟାଙ୍କ | | |
| ୨୧ | ଷ୍ଟେଟ ବ୍ୟାଙ୍କ ଅଫ ବିକାନୀର ଏଣ୍ଡ ଜୟପୁର | | |
| ୨୨ | ଷ୍ଟେଟ ବ୍ୟାଙ୍କ ଅଫ ପଟିଆଲା | | |
| ୨୩ | ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡୋର | | |
| ୨୪ | ଷ୍ଟେଟ ବ୍ୟାଙ୍କ ଅଫ ଟ୍ରାଭେନକୋର | | |
| ୨୫ | ଷ୍ଟେଟ ବ୍ୟାଙ୍କ ଅଫ ହାଇଦ୍ରାବାଦ | | |
| ୨୬ | ଷ୍ଟେଟ ବ୍ୟାଙ୍କ ଅଫ ମହୀଶୂର | | |
| ୨୭ | ଷ୍ଟେଟ ବ୍ୟାଙ୍କ ଅଫ ସୌରାଷ୍ଟ୍ର | | |